# NATIONAL NEWS BULLETIN (ODIA)
## 22 January - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଜମ୍ମୁ-କାଶ୍ମୀର ଡୋଡା ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୧୦ ଜଣ ସୈନିକଙ୍କର ମୃତ୍ୟୁ; ୧୧ ଜଣ ଆହତ

– ଗଭୀର ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି

- ଇ.ସି.ଆଇ. ନେଟ୍ ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ କଲେ ଭାରତୀୟ ନିର୍ବାଚନ ଆୟୋଗ

- କେରଳକୁ ଆସନ୍ତାକାଲି ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ଝାଡ଼ଖଣ୍ଡର ଶରଣ୍ଡା ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟରେ ୧୫ ଜଣ ମାଓବାଦୀ ନିହତ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ୟୁପି ୱାରିୟର୍ସ

# ଡୋଡା-ଆକ୍ସିଡେଣ୍ଟ

ଜାମ୍ମୁ-କାଶ୍ମୀର'ର ଡୋଡା ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୦ ଜଣ ସୈନିକ ପ୍ରାଣ ହରାଇବା ସହ ୧୧ ଜଣ ଆହତ ହୋଇଛନ୍ତି। ଭଦରଓ୍ୱାହ- ଚମ୍ବା ଆନ୍ତଃରାଜ୍ୟ ସଡ଼କ ଯୋଗାଯୋଗ ପଥର ୯ ହଜାର ଫୁଟ ଉଚ୍ଚ ଖନ୍ନି ଅଞ୍ଚଳରେ ଏକ ସେନା ଗାଡ଼ି ଗଭୀର ଖାତକୁ ଗଳି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ସେନା ଏବଂ ପୁଲିସ ପକ୍ଷରୁ ସେଠାରେ ତୁରନ୍ତ ମିଳିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳରେ ଚାରି ଜଣ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆହତଙ୍କ ମଧ୍ୟରୁ ଅନ୍ୟ ୬ ଜଣଙ୍କର ପରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ୧୧ ଜଣ ଆହତଙ୍କ ମଧ୍ୟରୁ ୧୦ ଜଣଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଉଦ୍ଧମପୁର କମାଣ୍ଡ ହସ୍ପିଟାଲକୁ ହେଲିକପ୍ଟର ଯୋଗେ ସ୍ଥାନାନ୍ତର କରାଯାଇଛି। ଭଦରଓ୍ୱାହ ଉପ-ଜିଲ୍ଲା ହସ୍‌ପିଟାଲରେ ଅନ୍ୟ ଆହତ ସୈନିକଙ୍କର ଚିକିତ୍ସା ଜାରି ରହିଛି।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ, ଶ୍ରୀ ଶାହା ଏବଂ ଶ୍ରୀ ରାଜନାଥ ସିଂହ ପ୍ରାଣ ହରାଇଥିବା ସୈନିକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

# ଆଇଆଇସିଡିଇଏମ୍– ସେକେଣ୍ଡ ଡେ’

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଇ.ସି.ଆଇ ନେଟ୍ ଡିଜିଟାଲ ପ୍ଲାଟଫର୍ମ ଶୁଭାରମ୍ଭ ହୋଇଛି। ନୂଆଦିଲ୍ଲୀରେ ଚାଲିଥିବା ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ଆଧାରିତ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ ଅବସରରେ ଆଜି ଏହାର ଶୁଭାରମ୍ଭ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଓ ଡକ୍ଟର ବିବେକ ଯୋଶୀ ଏହାର ଶୁଭାରମ୍ଭ କରିଛନ୍ତି। ୪୦ରୁ ଅଧିକ ଆପ୍ ଏବଂ ୱେବ୍ ପୋର୍ଟାଲକୁ ଏକୀକୃତ କରାଯାଇଛି ଏହି ଡିଜିଟାଲ ଫ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଶ୍ରୀ କୁମାର କହିଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ନାଗରିକଙ୍କ ଅଂଶଗ୍ରହଣକୁ ଏହି ପ୍ଲାଟଫର୍ମ ଅଧିକ ସୁବ୍ୟବସ୍ଥିତ କରିପାରିବ। ଭୋଟର, ପ୍ରାର୍ଥୀ, ରାଜନୈତିକ ଦଳ ଏବଂ ନିର୍ବାଚନ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ଏହି ପ୍ଲାଟଫର୍ମ ସମସ୍ତ ପ୍ରକାର ପ୍ରମୁଖ ନିର୍ବାଚନ ଆଧାରିତ ସେବାକୁ ଯୋଗାଇ ଦେବାରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ କୁମାର ଆଶାବ୍ୟକ୍ତ କରିଛନ୍ତି। ପ୍ଲାଟଫର୍ମଟି ଇଂରାଜୀ ସହିତ ୨୨ଟି ଭାରତୀୟ ଭାଷାରେ ବିକଶିତ କରାଯାଇଛି।

ବିଭିନ୍ନ ଦେଶର ପ୍ରତିନିଧି ମଣ୍ଡଳୀଙ୍କ ସହ ମୁଖ୍ୟ ନିର୍ବାଚନ କମିଶନର ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ପରେ ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାବେଳେ ବ୍ରିଟେନ୍‌ର

ନିର୍ବାଚନ କମିଶନର କାରୋଲ୍ ମିଲ୍ସ କହିଛନ୍ତି, ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଇ.ସି.ଆଇ. ନେଟ୍ ଡିଜିଟାଲ ପ୍ଲାଟଫର୍ମ ଉପରେ ଆଲୋଚନା ହୋଇଛି।  ଏହି ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଜୟଶଙ୍କର– ଇୟୁ ଆମ୍ବାସଡର୍ସ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଭାରତ–ୟୁରୋପୀୟ ସଂଘ ମଧ୍ୟରେ ଦୃଢ଼ ସମ୍ପର୍କ ଯୋଗାଣ ଶୃଙ୍ଖଳ ସହଯୋଗ ମାଧ୍ୟମରେ ବିଶ୍ୱ ଅର୍ଥନୀତିକୁ ବିପଦମୁକ୍ତ କରିପାରିବ। ବାଣିଜ୍ୟ କ୍ଷେତ୍ର ସୁଦୃଢ଼ ହେବା ସହ ସୁରକ୍ଷା ସହଭାଗିତା ମାଧ୍ୟମରେ ବିଶ୍ୱସ୍ତରରେ ଏ କ୍ଷେତ୍ରରେ ନିରନ୍ତରତା ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଥିବା ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରଦୂତଙ୍କ ସହ ଆଲୋଚନାକାଳରେ ଡକ୍ଟର ଜୟଶଙ୍କର ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ନେଇ ନିଜର ଆଭିମୁଖ୍ୟ ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ–ୟୁରୋପୀୟ ସଂଘ ମଧ୍ୟରେ ଦୃଢ଼ ସମ୍ପର୍କ, ବିଭିନ୍ନ କ୍ଷେତ୍ରରେ ସହାୟତା, ବିକାଶ ଆଦିକୁ ତ୍ୱରାନ୍ୱିତ କରିପାରିବ। ଆଗାମୀ ଗଣତନ୍ତ୍ର ଦିବସ ପାଳନ ଅବସରରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେୟନଙ୍କ ଭାରତ ଗସ୍ତକୁ ଉତ୍ସୁକତାର ସହ ଅପେକ୍ଷା କରାଯାଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି।

## ଏମଓୟୁ– ୱାର୍ଲ୍ଡ ଇକୋନୋକିମ୍ ଫୋରମ୍

ଦେଶରେ ଦକ୍ଷତା, ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା ଓ ପ୍ରଶିକ୍ଷଣ ଇକୋସିଷ୍ଟମକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ବିଶ୍ୱ ଅର୍ଥନୈତିକ ଫୋରମ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଦେଶରେ ଦକ୍ଷତା ବିକାଶ ପଦକ୍ଷେପ ଏହାଦ୍ୱାରା ତ୍ୱରାନ୍ୱିତ ହେବା ସହ ବିଶ୍ୱ ଅର୍ଥନୈତିକ ଫୋରମ୍ ଆବଶ୍ୟକ ସହଯୋଗ ମାଧ୍ୟମରେ ଅଧିକ ତ୍ୱରାନ୍ୱିତ ହୋଇପାରିବ। କୃତ୍ରିମ ବୁଦ୍ଧିମତା, ସବୁଜ ଶକ୍ତି, ରୋବୋଟିକ୍ସ ଏବଂ ଉତ୍ପାଦନ କ୍ଷେତ୍ରକୁ ଏହା ଅଧିକ ଗତିଶୀଳ କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛନ୍ତି।

## ପିଏମ୍–କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କେରଳ ଗସ୍ତରେ ଯିବେ। ତିରୁବନନ୍ତପୁରମଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହିତ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ରେଳପଥ, ସହରାଞ୍ଚଳ ଜୀବିକା, ବିଜ୍ଞାନ ଓ ନବସୃଜନ, ନାଗରିକ କୈନ୍ଦ୍ରୀକ ସେବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆଦି ଅନ୍ତର୍ଭୁକ୍ତ। ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଚାରୋଟି ନୂତନ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ସେଥିମଧ୍ୟରେ ତିନୋଟି ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ଗୋଟିଏ

ଯାତ୍ରୀବାହୀ ଟ୍ରେନ୍ ରହିଛି । ସହରାଞ୍ଚଳ ଜୀବିକାକୁ ଅଧିକ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଶ୍ରୀ ମୋଦୀ ସ୍ୱନିଧି କ୍ରେଡିଟ୍ କାର୍ଡ ପ୍ରଚଳନ କରିବାର କାର୍ଯ୍ୟସୂଚୀ ରହିଛି । ସେଠାକାର ରାସ୍ତାକଡ଼ ବିକ୍ରେତାଙ୍କ ସମେତ ୧ ଲକ୍ଷ ହିତାଧିକାରୀଙ୍କୁ ଶ୍ରୀ ମୋଦୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଋଣ ପ୍ରଦାନ କରିବେ ।

## ଝାଡ଼ଖଣ୍ଡ– ମାଓଇଷ୍ଟ ଏନକାଉଣ୍ଟର

ଝାଡ଼ଖଣ୍ଡର ପଶ୍ଚିମ ସିଂଘଭୂମ ଜିଲ୍ଲା ଅନ୍ତର୍ଗତ ଶରଣ୍ଡା ଜଙ୍ଗଲରେ ଆଜି ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୧୫ ଜଣ ମାଓବାଦୀ ନିହତ ହୋଇଛନ୍ତି । ଶରଣ୍ଡା ଜଙ୍ଗଲ ଅଞ୍ଚଳରେ ଆଜି ସକାଳୁ ସୁରକ୍ଷା ବାହିନୀ ପକ୍ଷରୁ ନକ୍ସଲ ବିରୋଧୀ ଅଭିଯାନ ଚାଲିଥିବା ବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ନିହତ ମାଓବାଦୀଙ୍କ ମଧ୍ୟରେ ଦୁର୍ଦ୍ଧାନ୍ତ ମାଓନେତା ପତିରାମ ମାଞ୍ଝୀ ଓରଫ ଅନଲ ଦା', ରାଜେଶ ମୁଣ୍ଡା ଏବଂ ବୁଲୁବୁଲ୍ ରହିଛନ୍ତି । ଅନଲ ଦା' ଉପରେ ୧ କୋଟି ଏବଂ ରାଜେଶ ଓ ବୁଲ୍‌ବୁଲ୍ ଉପରେ ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଏ ସମ୍ପର୍କରେ ସୂଚନା ଦେଇ ଚାଇବାସା ଆରକ୍ଷୀ ଅଧୀକ୍ଷକ ଅମିତ ରେଣୁ କହିଛନ୍ତି, ଘଟଣାସ୍ଥଳରୁ ବହୁ ମାରଣାସ୍ତ୍ର ସହିତ ମାଓ ସାମଗ୍ରୀ ଜବତ କରାଯାଇଛି ।

## ଛତିଶଗଡ଼–ଏକ୍ସପ୍ଲୋଜନ୍

ଛତିଶଗଡ଼ର ବଲୋଦା ବଜାର ଜିଲ୍ଲାର ଏକ କାରଖାନାରେ ଦୁର୍ଘଟଣା ଘଟିବାରୁ ୬ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ଏହି ସ୍ପଞ୍ଜ ଲୁହା କାରଖାନାର ଧୂଳି ପରିଚାଳନା ଚାମ୍ବରରେ ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଘଟଣାରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବିଳାସପୁରର ପୋଡ଼ାଜଳା ଜରୁରୀକାଳୀନ କେନ୍ଦ୍ରଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ।

ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଗୁଜୁରାଟର ସବୁଠାରୁ ବଡ଼ ମହାନଗର ଅଞ୍ଚଳ ପାଇଁ ଏକ ନିରନ୍ତର

ସହରାଞ୍ଚଳ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ପରିଗଣିତ ହୋଇଛି। ସ୍ୱରାଷ୍ଟ୍ର ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ୪୦ କିଲୋମିଟରରୁ ଊର୍ଦ୍ଧ୍ୱ ଏହି ମେଟ୍ରୋ ପ୍ରକଳ୍ପ ପାଇଁ ୧୨ ହଜାର ୯୨୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ତେବେ କାର୍ଯ୍ୟାନ୍ୱୟନ ସମୟରେ କେତେକ ସମସ୍ୟା ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ୨୦୧୮ ଏପ୍ରିଲ ୨୫ ତାରିଖରେ ପ୍ରଗତି ବ୍ୟବସ୍ଥା ଅଧୀନରେ ପ୍ରକଳ୍ପଟିର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ଏବଂ ନିରନ୍ତର ତଦାରଖ ଦ୍ୱାରା ଆନ୍ତଃ ବିଭାଗୀୟ ସମନ୍ୱୟ ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ୨୦୨୦ ଡିସେମ୍ବର ୨୩ ତାରିଖରେ ପ୍ରକଳ୍ପ ସ୍ଥିତି ନେଇ ପ୍ରଗତି ବ୍ୟବସ୍ଥା ଅଧୀନରେ ପୁନଃ ସମୀକ୍ଷା କରାଯାଇଥିଲା। ପ୍ରଗତି ପଦକ୍ଷେପ ଅଧୀନରେ ବାରମ୍ବାର ସମୀକ୍ଷା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୨୦୨୨ ସେପ୍ଟେମ୍ବର ୩୦ ତାରିଖରେ ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଅକ୍ଟୋବର ୨୦୨୨ରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରକଳ୍ପର ବାକି ରହିଥିବା କାର୍ଯ୍ୟଗୁଡ଼ିକ ସମ୍ପନ୍ନ ହୋଇଛି। ପ୍ରଗତି ପଦକ୍ଷେପ ମାଧ୍ୟମରେ ଅହମ୍ମଦାବାଦ ମେଟ୍ରୋ ରେଳପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବା ସହ ସହରରେ ସ୍ୱଚ୍ଛ, ନିରାପଦ ଏବଂ ଯାତାୟତକୁ ଅଧିକ ସୁବ୍ୟବସ୍ଥିତ କରିପାରିଛି।

## ପ୍ରଧାନ–ହୀରାକୁଦ ୱେଟଲ୍ୟାଣ୍ଡ

ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ହୀରାକୁଦ ଆର୍ଦ୍ରଭୂମିରେ ଚଳିତ ଋତୁରେ ୪ ଲକ୍ଷ ୨୧ ହଜାର ପକ୍ଷୀଙ୍କର ଆଗମନ ହୋଇଥିବା ନେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ହୀରାକୁଦ ଆର୍ଦ୍ରଭୂମି ଅଞ୍ଚଳ ବିଦେଶାଗତ ପକ୍ଷୀଙ୍କ ପାଇଁ ଶୀତ ଋତୁରେ ଏକ ଆକର୍ଷଣୀୟ ସ୍ଥାନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନଭାଗିଦାରିତା ପଦକ୍ଷେପ ମାଧ୍ୟମରେ ଆର୍ଦ୍ରଭୂମି ଏବଂ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ସ୍ଥାନୀୟ ଅଧିବାସୀ ପ୍ରଶଂସନୀୟ ଅବଦାନ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## କ୍ରିକେଟ୍–ଡବ୍ଲ୍ୟୁପିଏଲ୍

ବଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ଠାରେ ଆଉ ଅଳ୍ପ ସମୟ ମଧ୍ୟରେ ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଏକ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ୟୁପି ୱାରିୟର୍ସ ଏବଂ  ଗୁଜୁରାଟ ଜାଏଣ୍ଟ୍ସ ମଧ୍ୟରେ ଆରମ୍ଭ ହେବ । ୟୁପି ୱାରୟର୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।